# NATIONAL NEWS BULLETIN (ODIA)

**4 October - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଏମ୍ଏସ୍ଏମ୍ଇ, ଷ୍ଟାର୍ଟଅପ୍ ଓ ଦେଶର ବିଭିନ୍ନ ପ୍ରତିଷ୍ଠାନର ସଫଳତା ଆଧାରରେ ବିକଶିତ ଭାରତ ଯାତ୍ରା ଗତିଶୀଳ ହୋଇଛି - କହିଲେ ଉପରାଷ୍ଟ୍ରପତି ।

- ଦେଶରେ ଆଇଟିଆଇ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ଉନ୍ନତ କରିବା ନେଇ କାର୍ଯ୍ୟକାରୀ ହେଉଥିବା ପିଏମ୍ ସେତୁ ଯୋଜନା ପୂରଣ କରିଛି ଏକବର୍ଷ ।

- ପଶ୍ଚିମବଙ୍ଗର ନନ୍ଦିଗ୍ରାମ ଓ ରେଜିନଗର ବିଧାନସଭା ଉପନିର୍ବାଚନ ପାଇଁ ଆଜି ଶେଷ ହେବ ପ୍ରଚାର, ଆସନ୍ତା ମଙ୍ଗଳବାର ମତଗ୍ରହଣ ।

- ୟେମେନ୍ ସେନା ଆକ୍ରମଣରେ ୨୬୦ ହୁତି ବିଦ୍ରୋହୀଙ୍କ ମୃତ୍ୟୁ ।

ଏବଂ

- ଆଜି ଉଦ୍‌ଯାପିତ ହେଉଛି ଜାପାନରେ ଚାଲିଥିବା ଏସୀୟ କ୍ରୀଡ଼ା ପ୍ରତିଯୋଗିତା ୨୦୨୬ ।

- ୮୫ଟି ପଦକ ସହ ତାଲିକାର ଚତୁର୍ଥ ସ୍ଥାନରେ ଭାରତ ।

# ଭିପି-ଆଇସିଏସ୍ଆଇ ଫାଉଣ୍ଡେସନ ଡେ

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ କହିଛନ୍ତି ଏମ୍ଏସ୍ଏମ୍ଇ, ଷ୍ଟାର୍ଟଅପ୍ ଏବଂ ଦେଶର ବିଭିନ୍ନ ପ୍ରତିଷ୍ଠାନର ସଫଳତା ଆଧାରରେ ବିକଶିତ ଭାରତ ଯାତ୍ରା ଗତିଶୀଳ ହୋଇଛି । ନୂଆଦିଲ୍ଲୀରେ ଆଜି ଭାରତୀୟ କମ୍ପାନୀ ସେକ୍ରେଟାରୀ ପ୍ରତିଷ୍ଠାନର ୫୮ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ଉପରାଷ୍ଟ୍ରପତି ନିବେଶକଙ୍କ ବିଶ୍ୱାସଭାଜନ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୈତିକ ରାଷ୍ଟ୍ର ହେବାସହ ଦ୍ରୁତ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ପ୍ରବେଶ କରୁଛି ବୋଲି ଉପରାଷ୍ଟ୍ରପତି କହିଛନ୍ତି । ଉଦ୍ୟୋଗ କ୍ଷେତ୍ରର ପ୍ରଶାସନିକ ବ୍ୟବସ୍ଥାକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ଭାରତୀୟ କମ୍ପାନୀ ସେକ୍ରେଟାରୀ ପ୍ରତିଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଉପରାଷ୍ଟ୍ରପତି ଏହି ଅବସରରେ ଆଲୋକପାତ କରିଛନ୍ତି । ଆତ୍ମନିର୍ଭର ଭାରତ ଗଠନରେ ଏଭଳି ପ୍ରତିଷ୍ଠାନର ସାମୁହିକ ପ୍ରୟାସ ଦେଶକୁ ବିଶ୍ୱର ସର୍ବବୃହତ୍ ଅର୍ଥନୈତିକ ରାଷ୍ଟ୍ରରେ ପରିଣତ କରିପାରିବ ବୋଲି ଉପରାଷ୍ଟ୍ରପତି ଆଶାବ୍ୟକ୍ତ କରିଛନ୍ତି ।

# ପିଏମ୍ ସେତୁ

ଦେଶର ଆଇଟିଆଇ ଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକୁ ଉନ୍ନତ କରିବା ଲକ୍ଷ୍ୟ ନେଇ କାର୍ଯ୍ୟକାରୀ ହୋଇଥିବା ପ୍ରଧାନମନ୍ତ୍ରୀ ଦକ୍ଷତା ଓ ନିୟୋଜନ ପରିବର୍ତ୍ତନ - ପିଏମ୍ ସେତୁ ଯୋଜନା ଆଜି ଏକବର୍ଷ ପୂରଣ କରିଛି । ଶିଳ୍ପ ନେତୃତ୍ୱାଧୀନ ବ୍ୟବସ୍ଥାକୁ ସୁଦୃଢ଼ କରିବା, ତାଲିମ ଭିତ୍ତିଭୂମିକୁ ଉନ୍ନତ ସହ ଦକ୍ଷତା ସମ୍ପନ୍ନ କର୍ମଶକ୍ତି ପ୍ରସ୍ତୁତ କରିବା ଏହି ଯୋଜନାର ମୂଳଲକ୍ଷ୍ୟ । ଯୋଜନା ଅଧୀନରେ ମୋଟ୍ ୬୦ହଜାର କୋଟି ଟଙ୍କାରୁ ଅଧିକ ବ୍ୟୟବରାଦ କରାଯାଇଛି । ସେଥିମଧ୍ୟରେ ୩୦ହଜାର କୋଟି ଟଙ୍କା କେନ୍ଦ୍ରୀୟ ଅର୍ଥ, ୨୦ ରାଜ୍ୟ ସରକାରଙ୍କ ହଜାର କୋଟି ଟଙ୍କା  ଏବଂ ଶିଳ୍ପଦ୍ୟୋଗ କ୍ଷେତ୍ରର ୧୦ହଜାର କୋଟି ଟଙ୍କା ଅନ୍ତର୍ଭୁକ୍ତ । ଆଇଟିଆଇ ଶିକ୍ଷା ପ୍ରତିଷ୍ଠାନର ବିଦ୍ୟାର୍ଥୀଙ୍କ ପାଇଁ ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶରେ ଏହି ଯୋଜନା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ବିଭିନ୍ନ କ୍ଷେତ୍ରରେ ଯୁବବର୍ଗଙ୍କୁ ତାଲିମ ପ୍ରଦାନ କରାଯାଉଛି । ଏହି ଯୋଜନା ଅଧୀନରେ ପାଠ୍ୟକ୍ରମର ଅବଧି ୬ ମାସରୁ ୨ ବର୍ଷ ପର୍ଯ୍ୟନ୍ତ ରହିଛି । ତାଲିମ ମହାନିର୍ଦ୍ଦେଶାଳୟ ଅଧୀନରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି । ଏପର୍ଯ୍ୟନ୍ତ ଦେଶରେ ୧୩ହଜାରରୁ ଅଧିକ ଆଇଟିଆଇ ଶିକ୍ଷା ପ୍ରତିଷ୍ଠାନ ରହିଛି । ୨୦୧୪ ମସିହା ତୁଳନାରେ ଏ କ୍ଷେତ୍ରରେ ୪୨ ପ୍ରତିଶତ ବୃଦ୍ଧି

ଘଟିଛି । ୨୦୨୫-୨୬ ଶିକ୍ଷାବର୍ଷ ଆଇଟିଆଇ ପ୍ରତିଷ୍ଠାନ ଉପରେ ୧୪ଲକ୍ଷ ୭୦ହଜାର ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଛନ୍ତି । ଯୋଜନାର କାର୍ଯ୍ୟାନ୍ୱୟନ ଲକ୍ଷ୍ୟ ନେଇ ଏକ ଜାତୀୟ ପରିଚାଳନା କମିଟି ଗଠନ କରାଯାଇଛି । ଆଇଟିଆଇ କ୍ଲଷ୍ଟରରେ ପିଏମ୍ ସେତୁ ଯୋଜନାକୁ ପାଇଲଟ ପ୍ରକଳ୍ପ ଭାବେ ଦେଶବ୍ୟାପୀ କାର୍ଯ୍ୟକାରୀ କରିବାକୁ ଅନୁମୋଦନ କରାଯାଇଛି । ଏହି ଯୋଜନା ଅଧୀନରେ ୧୪ଟି ଆଇଟିଆଇ କ୍ଲଷ୍ଟର ପାଇଁ ୩ହଜାର ୪୪୬ କୋଟି ଟଙ୍କାରୁ ଅଧିକ ନିବେଶ ଯୋଜନାକୁ ଅନୁମୋଦନ କରାଯାଇଛି ।

## ସେବା ସଙ୍କଳ୍ପ - ବର୍ଦ୍ଦଲୋଇ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣଙ୍କୁ ଆସାମର ଲୋକପ୍ରିୟ ଗୋପୀନାଥ ବର୍ଦ୍ଦୋଲୋଇ ଆନ୍ତର୍ଜାତିକ ବିମାନ ବନ୍ଦର ସମ୍ପର୍କରେ ସୂଚନା ପ୍ରଦନା କରୁଛୁ ।

ଆସାମର ଲୋକପ୍ରିୟ ଗୋପୀନାଥ ବର୍ଦୋଲୋଇ ଆନ୍ତର୍ଜାତିକ ବିମାନ ବନ୍ଦର ଏକ ଆଞ୍ଚଳିକ ପରିବହନ କେନ୍ଦ୍ରରୁ ଆନ୍ତର୍ଜାତିକ ବିମାନ ପ୍ରବେଶ ପଥରେ ପରିଣତ ହୋଇଛି । ଉତ୍ତରପୂର୍ବ ଭାରତରେ ଆର୍ଥିକ ଓ ସାଂସ୍କୃତିକ ନବଜାଗରଣକୁ ଏହି ବନ୍ଦର ପ୍ରେରଣା ପ୍ରଦାନ କରୁଛି । ସରକାରଙ୍କ ଆକ୍ଟ ଇଷ୍ଟ ନୀତି ଅଧୀନରେ ବିକଶିତ ହୋଇଥିବା ଏହି ବିମାନ ବନ୍ଦର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଗତବର୍ଷ ଡିସେମ୍ବର ୨୦ ତାରିଖରେ ଉଦ୍‌ଘାଟିତ ହୋଇଛି । ଗତ ଫେବୃୟାରୀ ୨୨ ତାରିଖରେ ବାଣିଜ୍ୟିକ କାରବାର ପାଇଁ ଏହି ବିମାନବନ୍ଦରକୁ ଉନ୍ମୁକ୍ତ କରାଯାଇଛି । ଏହାର ନୂତନ ଟର୍ମିନାଲ ମାଧ୍ୟମରେ ବାର୍ଷିକ ୧୩ ନିୟୁତରୁ ଅଧିକ ଯାତ୍ରୀଙ୍କୁ ପରିଚାଳନା କରିବା ପାଇଁ ସମସ୍ତ ପ୍ରକାର ଆଧୁନିକ ସୁବିଧା ବ୍ୟବସ୍ଥା କରାଯାଇଛି । ଟର୍ମିନାଲର ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ, ଏଭଳି ଭିତ୍ତିଭୂମି ଯୁବବର୍ଗଙ୍କ ପାଇଁ ନୂତନ ସୁଯୋଗ ଉନ୍ମୁକ୍ତ କରିବ ।

**V/O**

# ଡବ୍ଲ୍ୟୁବି-ପୋଲ୍ କ୍ୟାମ୍ପେନ

ପଶ୍ଚିମବଙ୍ଗର ନନ୍ଦୀଗ୍ରାମ ଓ ରେଜିନଗର ବିଧାନସଭା ଉପନିର୍ବାଚନ ପାଇଁ ପ୍ରଚାରକାର୍ଯ୍ୟ ଆଜି ଶେଷ ହେଉଛି । ଆସନ୍ତା ମଙ୍ଗଳବାର ଦିନ ସେଠାରେ ଭୋଟ୍‌ଗ୍ରହଣ କରାଯିବ । ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ଆଜି ନନ୍ଦିଗ୍ରାମଠାରେ କେତେକ ପ୍ରଚାର କାର୍ଯ୍ୟକ୍ରମରେ

ଯୋଗଦେବେ । ରେଜିନଗରରେ ମଧ୍ୟ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପ୍ରଚାରକାର୍ଯ୍ୟକୁ ଜୋର୍‌ଦାର କରାଯାଇଛି । ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପରିଚାଳନାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି ।

# ଦି ଏଣ୍ଡ ଅଫ୍ ନକ୍ସଲିଜିମ୍

ନକ୍ସଲମୁକ୍ତ ଭାରତ ଗଠନ ଦିଗରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଆସିଛନ୍ତି । ଏ ଦିଗରେ ମିଳିଥିବା ସଫଳତା ସରକାରଙ୍କ ପ୍ରୟାସକୁ ପ୍ରତିପାଦନ କରିଛି । ଆଜି ଆସନ୍ତୁ ଶୁଣିବା ଏ ସମ୍ପର୍କରେ...

୧୯୬୭ ମସିହାରେ ପଶ୍ଚିମବଙ୍ଗର ନକ୍ସଲବାଡ଼ିରୁ ଆରମ୍ଭ ହୋଇଥିବା ନକ୍ସଲ ଆନ୍ଦୋଳନ ପ୍ରାୟ ପାଞ୍ଚ ଦଶନ୍ଧି ଧରି ଦେଶର ମଧ୍ୟଭାଗରେ ରାଜ୍ୟର ପ୍ରଶାସନିକ ପଦକ୍ଷେପକୁ ଆହ୍ୱାନ ଦେଇ ଆସୁଥିଲା। ଏହି ଅଞ୍ଚଳକୁ 'ରେଡ୍ କରିଡର' ବୋଲି କୁହାଯାଉଥିଲା। ୨୦୧୦ ମସିହା ଏପ୍ରିଲରେ ଛତିଶଗଡ଼ର ଦାନ୍ତେୱାଡ଼ାରେ ମାଓବାଦୀମାନେ ସିଆରପିଏଫ୍‌ର ଏକ ପାଟ୍ରୋଲିଂ ଦଳ ଉପରେ ଆକ୍ରମଣ କରି ୭୬ ଜଣ ଯବାନଙ୍କୁ ହତ୍ୟା କରିଥିଲେ। ୨୦୧୪ ସୁଦ୍ଧା ଦେଶର ୧୨୬ଟି ଜିଲ୍ଲା ନକ୍ସଲ ପ୍ରଭାବିତ ଅଞ୍ଚଳ ତାଲିକାରେ ରହିଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ସମୟରେ ନକ୍ସଲବାଦ ମୁକାବିଲା ପାଇଁ ସୁରକ୍ଷା ଅଭିଯାନ ଓ ଗୁଇନ୍ଦା କାର୍ଯ୍ୟକୁ ସଡ଼କ, ବିଦ୍ୟାଳୟ, ମୋବାଇଲ୍ ଟାୱାର ଏବଂ ବ୍ୟାଙ୍କ ଋଣ ଭଳି ବିକାଶମୂଳକ ପଦକ୍ଷେପ ସହ

ଯୋଡ଼ାଯାଇଥିଲା । ଫଳରେ ନକ୍ସଲ ପ୍ରଭାବିତ ଅଞ୍ଚଳରେ ସରକାରୀ ବ୍ୟବସ୍ଥା ଓ ବିକାଶ ପହଂଚି ପାରିଥିଲା । ମାଓବାଦୀଙ୍କ ଆତ୍ମସମର୍ପଣ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥିଲା । ବର୍ଷକୁ ଏହି ସଂଖ୍ୟା ୪୨୧ରୁ ବୃଦ୍ଧି ପାଇଁ ୬ ହଜାର ୫୫୮ରେ ପହଞ୍ଚିଥିଲା । ଗତ ମାର୍ଚ୍ଚ ୩୦ ତାରିଖରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଦେଶର ଆଉ କୌଣସି ଜିଲ୍ଲା ନକ୍ସଲ ପ୍ରଭାବିତ ହୋଇ ରହି ନାହିଁ ବୋଲି ସଂସଦରେ ଘୋଷଣା କରିଥିଲେ । ଦୀର୍ଘଦିନ ଧରି ଦେଶର ମଧ୍ୟଭାଗରେ ରହିଥିବା 'ରେଡ୍ କରିଡର'ର ଅଦୃଶ୍ୟ ପ୍ରତିବନ୍ଧକ ଏବେ ଭାଙ୍ଗିଯାଇଛି । ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି...

**V/O**

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ମଳୟ ରଞ୍ଜନ ମିଶ୍ର ।

# ୟେମେନ୍ ହାଉତି ଷ୍ଟ୍ରାଇକ୍

ୟେମେନ୍ ସେନା ଆକ୍ରମଣରେ ହୁତି ବିଦ୍ରୋହୀ ଗୋଷ୍ଠୀ ବହୁ ପରିମାଣରେ କ୍ଷତି ସହିଛି ବୋଲି ୟେମେନ୍ ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷରେ ରିୟାଦରେକୁ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ କରାଯାଇଥିବା ନେଇ ହୁତୀ ବିଦ୍ରୋହୀ ଗୋଷ୍ଠୀର ଦାବିକୁ ସାଉଦୀ ଆରବ ଖଣ୍ଡନ କରିଛି । ଗଣମାଧ୍ୟମ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆନ୍ତର୍ଜାତିକ ସ୍ତରରେ ସ୍ୱୀକୃତିପ୍ରାପ୍ତ ୟେମେନ୍ ସରକାରଙ୍କ ସଶସ୍ତ୍ର ବାହିନୀ ତୁର୍ ଅଲବାହ ଏବଂ ତାଇଜ୍ ଅଞ୍ଚଳରେ ହୁତୀ ବିଦ୍ରୋହୀ ଗୋଷ୍ଠୀଙ୍କ ଉପରେ ପ୍ରବଳ ଆକ୍ରମଣ କରିଛି ।

ଫଳରେ ପାଖାପାଖି ୨୬୦ ହୁତୀ ବିଦ୍ରୋହୀଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି । ବିଦ୍ରୋହୀ ଗୋଷ୍ଠୀର ୪୪ଟି ସାମରିକ ଯାନ ଓ ପରିବହନ ଏବଂ ଯୋଗାଣ କ୍ଷେତ୍ରରେ ବ୍ୟାପକ କ୍ଷତି ହୋଇଥିବା ୟେମେନ୍ ସେନା ଦାବି କରିଛି ।

## ଏସିଆନ୍ ଗେମ୍ସ କ୍ଲୋଜିଙ୍ଗ

ଜାପାନରେ ଚାଲିଥିବା ଏସୀୟ କ୍ରୀଡ଼ା ପ୍ରତିଯୋଗିତା ୨୦୨୬ ଆଜି ଉଦ୍‌ଯାପିତ ହେଉଛି । ଦୁଇସପ୍ତାହରୁ ଅଧିକ ସମୟ ଧରି ୪୩ଟି ବର୍ଗରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏସୀୟ କ୍ରୀଡ଼ାର ଏହି ବିଂଶତମ ସଂସ୍କରଣର ଉଦ୍‌ଯାପନୀ ସମାରୋହ ଜାପାନର ନାଗୋୟାସ୍ଥିତ ପାଲୋମା ମିଜୁହୁ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ । ଭାରତୀୟ ସମୟ ଅପରାହ୍ଣ ସାଢ଼େ ୨ଟାରେ ସମାରୋହ ଆରମ୍ଭ ହେବ । ଉଦ୍‌ଯାପନୀ ସମାରୋହରେ ବିଭିନ୍ନ କାର୍ଯ୍ୟକ୍ରମ ସହ ଖେଳାଳିଙ୍କ ପରେଡ, ଏସୀୟ କ୍ରୀଡ଼ା ପତାକା ଅବତରଣ ଅନୁଷ୍ଠିତ ହେବ । ୨୦୩୦ ସଂସ୍କରଣ କାତାରର ଦୋହାଠାରେ ଅନୁଷ୍ଠିତ ହେବ । ଚଳିତ ସଂସ୍କରଣର ଏସୀୟ କ୍ରୀଡ଼ା ପତାକା ଦୋହାକୁ ଆଜି ହସ୍ତାନ୍ତର କରାଯିବ । ବନ୍ଧୁକ ଚାଳନା ଖେଳାଳି ନିରୁ ଢ଼ାଣ୍ଡା ଭାରତୀୟ ଖେଳାଳିଙ୍କର ପରେଡ୍‌ରେ ଜାତୀୟପତାକା ବହନ କରିବେ । ଚଳିତ ସଂସ୍କରଣରେ ମୋଟ୍ ୮୫ଟି ପଦକ ସହ ଭାରତ ତାଳିକାର ଚତୁର୍ଥ

ସ୍ଥାନରେ ରହିଛି । ସେଥିମଧ୍ୟରେ ୨୧ଟି ସ୍ୱର୍ଣ୍ଣ, ୨୭ଟି ରୌପ୍ୟ ଏବଂ ୩୭ଟି କାଂସ୍ୟପଦକ ଅନ୍ତର୍ଭୁକ୍ତ । ତାଲିକାର ଶୀର୍ଷସ୍ଥାନରେ ଚୀନ୍ ଥିବାବେଳେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଜାପାନ ଏବଂ କୋରିଆ ରହିଛନ୍ତି ।